


# କ୍ଷତିପୂରଣ ମିଳିବା ପରେ ମୃତଦେହ ବ୍ୟବଚ୍ଛେଦ

**ଗୁଣପୁର,୧୭।୧୦(ଡି.ଏନ୍.ଏ.)**

**ଓକିଲଗୁଡ଼ାରେ ବେଆଇନ ପଥର ବ୍ଲାଷ୍ଟିଂ ଘଟଣା**

- ୩ଜଣଙ୍କ ନାମରେ ମାମଲା ରୁଜୁ
- ଘଟଣାସ୍ଥଳରେ ସ୍ଥିତି ଅନୁଧ୍ୟାନ କଲେ ଏସ୍‌ପି

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଚିନାସାରି ପଞ୍ଚାୟତ ଓକିଲଗୁଡା ନିକଟ ଗୁଣପୁର ପୌରପରିଷଦ ଅଧୀନ ଏସ୍‌ପିଗୁଡ଼ା-୧ ପଥର କ୍ୱାରିରେ ବେଆଇନ ପଥର ବ୍ଲାଷ୍ଟିବେଳେ ଶୁକ୍ରବାର ୩ଜଣଙ୍କର ମୃତ୍ୟୁ ହୋଇଥିଲା। ଲିଜ୍‌ଧାରୀଙ୍କ ପକ୍ଷରୁ ମୃତକଙ୍କ ପରିବାରକୁ ଶନିବାର କ୍ଷତିପୂରଣ ପ୍ରଦାନ କରାଯାଇଥିଲା। ଏହାପରେ ସେମାନଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ସେହିଭଳି ରାୟଗଡ଼ା ଏସ୍‌ପି ସର୍ବଣା ବିବେକ୍ ଏମ୍. ଶନିବାର ସନ୍ଧ୍ୟାରେ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନକରି ଫେରିଛନ୍ତି। ପଥର କ୍ୱାରି ଲିଜ୍ ନେଇଥିବା ପ୍ରତାପ ଯୋଗୀଙ୍କ ସମେତ ସହଯୋଗୀ ପ୍ରଦୀପ ଯୋଗୀ ଓ ହରିଶ୍ଚନ୍ଦ୍ର ଗମାଙ୍ଗଙ୍କ ନାମରେ ମାମଲା ରୁଜୁ କରାଯାଇଛି।

ପ୍ରକାଶ ଯେ, ଶୁକ୍ରବାର ଓକିଲଗୁଡ଼ାରେ ବେଆଇନ ପଥର ବ୍ଲାଷ୍ଟିଂ ଚାଲିଥିବାବେଳେ ବିସ୍ଫୋରଣ ଘଟି ସେଠାରେ କାମ କରୁଥିବା ଜାମେଶ ଶବର, କୁଶାବତି ଶବର ଏବଂ ଢୁଡି ଶବରଙ୍କ ମୃତ୍ୟୁ ହୋଇଥିଲା। ଶନିବାର ମୃତଦେହ ବ୍ୟବଚ୍ଛେଦ ହେବାକୁ ଥିବାବେଳେ ଗ୍ରାମବାସୀ କ୍ଷତିପୂରଣ ଦାବିକରି ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଡି ବସିଥିଲେ। ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ଉପୁଜିଥିଲା। ଖବର ପାଇ ଉପଜିଲାପାଳ ସୋନାଲ୍ ଜେନା ଏବଂ ଆଇଟିଡିଏ ପିଏ ଗୋରାଚାନ୍ଦ ଗମାଙ୍ଗ ପ୍ରମୁଖ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଲୋକଙ୍କୁ ବୁଝାଶୁଝା କରିଥିଲେ। ଲିଜ୍‌ଧାରୀଙ୍କ ପକ୍ଷରୁ ମୃତକଙ୍କ ପରିବାରକୁ ୩ ଲକ୍ଷ ଟଙ୍କା, ଆହତମାନଙ୍କୁ ୧୦ହଜାର ଟଙ୍କା ଏବଂ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ଗୁରୁତର ବୁଡା ଶବରଙ୍କୁ ବ୍ରହ୍ମପୁରରେ ଚିକିତ୍ସା କରାଯାଉଛି। ଏହି ଘଟଣାରେ ୧୭୯/୨୦୨୦, ଦଫା ୨୮୬,୩୨୪,୩୨୬,୩୦୪ ଆଇପିସି ଏବଂ ୩,୪,୫ ବିସ୍ଫୋରକ ସାମଗ୍ରୀ ଆକ୍ଟରେ ଲିଜ୍ ନେଇଥିବା ପ୍ରତାପ ଯୋଗୀଙ୍କ ସମେତ ସହଯୋଗୀ ପ୍ରଦୀପ ଯୋଗୀ ଏବଂ ହରିଶ୍ଚନ୍ଦ୍ର ଗମାଙ୍ଗଙ୍କ ନାମରେ ମାମଲା ରୁଜୁ ହୋଇଥିବା ଗୁଣପୁର ଏସ୍‌ଡିପିଓ ରାଜ କିଶୋର ଦାଶ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ପ୍ରତାପ ଯୋଗୀଙ୍କୁ ଗତ ମାସରେ ଓକିଲଗୁଡ଼ାସ୍ଥିତ ଏକ ପଥର କ୍ୱାରିକୁ ୫ ବର୍ଷ ପାଇଁ ଲିଜ୍ ମିଳିଥିଲା। ପରିବେଶ ମଞ୍ଜୁରୀ ମିଳି ନ ଥିବାରୁ ଏଗ୍ରିମେଣ୍ଟ ହୋଇ ନ ଥିଲା। ଏପରି ସମୟରେ ସେ ପଥର କ୍ୱାରିରେ ନିଜର କାର୍ଯ୍ୟ ଆରମ୍ଭ କରିଥିଲେ।

# ଶୋଷ ମେଣ୍ଟାଇପାରୁନି ନଳକୂଅ

**ଟିକିରି, ୧୭।୧୦(ଡି.ଏନ୍.ଏ.)**

- ଗାଁରେ ଥିବା ୪ ନଳକୂପରୁ ବାହାରୁଛି ଆଇରନଯୁକ୍ତ ପାଣି
- ସୋଲାରଚାଳିତ ନଳକୂଅରୁ ବାହାରୁନି ଆବଶ୍ୟକ ମୁତାବକ ପାନୀୟଜଳ

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଦୁଦୁକାବାହଲ ପଞ୍ଚାୟତ କାଳିଆପଡା ଗାଁରେ ପାନୀୟ ଜଳ ଅଭାବ ଦେଖାଦେଇଛି। ଗାଁରେ ୪ଟି ନଳକୂପ ସମେତ ଗୋଟିଏ ସୋଲାର ଚାଳିତ ନଳକୂପ ରହିଛି। ନଳକୂପ ୪ଟିରୁ ଆଇରନ ମିଶ୍ରିତ ପାଣି ବାହାରୁଥିବାବେଳେ ସୋଲାର ଚାଳିତ କଳରୁ ଲୋକଙ୍କ ପାଇଁ ଆବଶ୍ୟକ ମୁତାବକ ପାଣି ବାହାରୁନାହିଁ। ଗାଁରେ ଥିବା ୫ଟା ନଳକୂପ ଲୋକଙ୍କ ଶୋଷ ମେଣ୍ଟାଇପାରୁ ନ ଥିବା ଗ୍ରାମବାସୀ କହିଛନ୍ତି।

କାଳିଆପଡ଼ା ଗାଁର ୪ଟି ସାହିରେ ୨ଶହରୁ ଊର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ସେମାନଙ୍କ ପାଇଁ ୪ଟି ନଳକୂଅ ରହିଛି। କିନ୍ତୁ ସେ ସମସ୍ତ ନଳକୂଅରୁ ଲୌହ ମିଶ୍ରିତ ପାଣି ବାହାରୁଛି। ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏକ ସୋଲାରଚାଳିତ ନଳକୂପ ଖନନ କରାଯାଇଥିଲା। ଏହା କିଛିଦିନ ଲୋକଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇଥିଲା। କିନ୍ତୁ ୮ମାସ ପରେ ସେଥିରୁ ଆବଶ୍ୟକ ମୁତାବକ ପାଣି ବାହାରୁ ନାହିଁ। ଏବେ ମହିଳାମାନେ ଆଗ ଭଳି ପୁଣି ଥରେ ୩ କି.ମି. ଯାଇ ଏକ ସ୍କୁଲରୁ ପାଣି ଆଣୁଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ଗ୍ରାମବାସୀ କହିଛନ୍ତି। ଆଗାମୀ ଦିନରେ ଏହି ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ସେମାନେ କହିଛନ୍ତି। ଏ ନେଇ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ଦାମୋଦର ମଲ୍ଲିକଙ୍କୁ ପଚାରିବାରୁ ଗ୍ରାମବାସୀଙ୍କ ଅଭିଯୋଗ ସମ୍ପର୍କରେ ସେ ଅବଗତ ବୋଲି କହିଥିଲେ। କୋଭିଡ୍ ଯୋଗୁ ସମସ୍ୟା ସମାଧାନ ହେବାରେ ବିଳମ୍ବ ହୋଇଛି। ଖୁବ୍‌ଶୀଘ୍ର ଲୋକଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇବା ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

# ୧୪ ପଜିଟିଭ ଚିହ୍ନଟ

**ରାୟଗଡ଼ା ଅଫିସ, ୧୭।୧୦**

ରାୟଗଡ଼ା ଜିଲାରୁ ଶନିବାର ୧୪ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଶନିବାର ଚିହ୍ନଟ ଆକ୍ରାନ୍ତଙ୍କୁ ମିଶାଇ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୭୮୯୧ରେ ପହଞ୍ଚିଛି। ଜିଲାରେ ଶନିବାର ସୁଦ୍ଧା ୪୦ ଜଣଙ୍କ ମୃତ୍ୟୁ ହୋଇଛି। ୭୬୯୫ ଜଣ ସୁସ୍ଥ ହୋଇଥିବାବେଳେ ୧୫୬ ଜଣ ଚିକିତ୍ସିତ ହେଉଛନ୍ତି। ଶନିବାର ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ପଦ୍ମପୁରରୁ ୮, ରାୟଗଡ଼ା ଅର୍ବାନରୁ ୩, କାଶୀପୁର, ରାମନାଗୁଡା ଓ ରାୟଗଡା ରୁରାଲରୁ ଜଣେ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

# ପ୍ରତିଶ୍ରୁତି ପରେ ହଟିଲା ଆନ୍ଦୋଳନ

**ନବରଙ୍ଗପୁର,୧୭।୧୦(ବି.ପ୍ର.)**

ନବରଙ୍ଗପୁର ଜିଲା ମିଡ଼ିଆ ୟୁନିୟନ ପକ୍ଷରୁ ଚାଲିଥିବା ଧାରଣା ହଟିଛି। ୟୁନିୟନର ଦାବି ପୂରଣ କରାଯିବ ବୋଲି ଜିଲା ପ୍ରଶାସନ ଏବଂ ଲୋକ ପ୍ରତିନିଧିଙ୍କ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ମିଳିବା ପରେ ଶନିବାର ମଧ୍ୟାହ୍ନ ୧୨ଟାରେ ଧାରଣାକୁ ଅସ୍ଥାୟୀଭାବେ ସ୍ଥଗିତ ରଖାଯାଇଛି।

ଶନିବାର ଷଷ୍ଠ ଦିନରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଡବୁଗାଁ ବିଧାୟକ ମନୋହର ରନ୍ଧାରୀ, ରାଜ୍ୟ ବିଜେଡ଼ି କାର୍ଯ୍ୟକାରିଣୀ ସଦସ୍ୟ ପ୍ରହ୍ଲାଦ ତ୍ରିପାଠୀ, ଉପ ଜିଲାପାଳ ଭାସ୍କର ରଇତ ଓ ପୌରାଞ୍ଚଳ ନିର୍ବାହୀ ଅଧିକାରୀ ବିନୟ ପଟେଲ ପ୍ରମୁଖ ଘଟଣାସ୍ଥଳକୁ ଯାଇ ଧାରଣାରେ ବସିଥିବା ଖବରଦାତାଙ୍କ ସହ ଆଲୋଚନା କରିଥିଲେ। ଆନ୍ଦୋଳନକାରୀଙ୍କ ୩ଟି ଦାବି ପୂରଣ ହୋଇସାରିଛି। କୋଭିଡ୍ ହସ୍ପିଟାଲରେ ଭେଣ୍ଟିଲେଟରକୁ ଆସନ୍ତା ୩ ମାସ ମଧ୍ୟରେ କାର୍ଯ୍ୟକ୍ଷମ କରିବାକୁ ନିଷ୍ପତ୍ତି ନିଆଯିବା ପରେ ଧାରଣା ହଟିଥିଲା। ପ୍ରକାଶ ଯେ, କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ସୁବିଧା ଯୋଗାଇବା ସହ ୪ ଦଫା ଦାବିରେ ନବରଙ୍ଗପୁର ଜିଲା ମିଡିଆ ୟୁନିୟନ ଧାରଣାରେ ବସିଥିଲା। ଏହାକୁ ବିଭିନ୍ନ ରାଜନୈତିକ ଦଳ ଓ ସ୍ଥାନୀୟ ଅନୁଷ୍ଠାନ ସମର୍ଥନ ଜଣାଇଥିଲେ।

# କାନ୍ଧରେ ବୋହି ରୋଗୀଙ୍କୁ ନଦୀପାର କଲେ ଗ୍ରାମବାସୀ

**ରାୟଗଡ଼ା ଅଫିସ,୧୭।୧୦**


ସାଗରଙ୍କୁ ଗ୍ରାମବାସୀ ନଦୀ ପାର କରାଉଛନ୍ତି।

ଗାଁ କୁ ରାସ୍ତା କିମ୍ବା ନଦୀ ଉପରେ ବ୍ରିଜ୍ ନାହିଁ। ଏଭଳି କ୍ଷେତ୍ରରେ ଜଣେ ରୋଗୀଙ୍କୁ କାନ୍ଧରେ ବୋହି ପରିବାର ଓ ଗ୍ରାମବାସୀ ନଦୀ ପାର କରାଇ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଶନିବାର ରାୟଗଡ଼ା ଜିଲା ସଦର ବ୍ଲକ କେରେଡ଼ା ପଞ୍ଚାୟତ କିଲମିସଗୁଡ଼ା ଗ୍ରାମରେ ଏଭଳି ଏକ ଘଟଣା ଘଟିଛି।

ପ୍ରକାଶ ଯେ, ଗାଁର ସାଗର ପୁଆଲା (୧୪ ) ୩ ଦିନ ଧରି ଜରରେ ପୀଡ଼ିତ ଥିଲେ। ଶନିବାର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରତର ହେବାରୁ ଗ୍ରାମବାସୀ ତାଙ୍କୁ କାନ୍ଧରେ ବୋହି ନାଗାବଳୀ ନଦୀ ପାର କରାଇ ଜେମାଦେଇପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ତାଙ୍କ ଚିକିତ୍ସା ଚାଲିଛି। ସୂଚନା ଅନୁଯାୟୀ ଏହି ଗାଁକୁ ରାସ୍ତା ନରହିଁ। ଲୋକଙ୍କ ନଦୀପାର ହୋଇ ଯିବାକୁ ପଡେ। ଲୋକଙ୍କ ସୁବିଧା ପାଇଁ ଏଠାରେ ଏକ ବ୍ରିଜ୍ ତିଆରି କାମ ଚାଲିଛି। କିନ୍ତୁ ୩ବର୍ଷ ପରେ ମଧ୍ୟ ଉକ୍ତ ବ୍ରିଜ୍ କାମ ଶେଷ ହୋଇପାରୁନି। ତୁରନ୍ତ ବ୍ରିଜ୍ କାମ ସାରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଚାଲାଣ ବେଳେ ୫ଲକ୍ଷ ଟଙ୍କାର ଗଞ୍ଜେଇ ଜବତ

**ବିଷମକଟକ, ୧୭।୧୦**


ଜବତ ଗଞ୍ଜେଇ ଓ ଗିରଫ ଅଭିଯୁକ୍ତମାନେ।

ଛତିଶଗଡ଼କୁ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ରାୟଗଡା ଜିଲା ବିଷମକଟକ ତାହାକୁ ଜବତ କରିଛି। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉତ୍ତରପ୍ରଦେଶ ସୁରଜ କୁମାର ମାଧେସିଆ(୨୬) ଓ ଅଶୋକ ଯାଦବ(୨୨)। ଅଭିଯୁକ୍ତମାନେ ପଦ୍ମପୁର ଅଞ୍ଚଳରୁ ଏକ ଟାଟା ସୁମୋ (ସିଜି-୧୦ଏନ୍-୯୪୬୭)ରେ ଗଞ୍ଜେଇ ନେଇ ଛତିଶଗଡ଼ ଅଭିମୁଖେ ଯାଉଥିଲେ। ଖବରପାଇ ବିଷମକଟକ ଥାନା ଏସ୍‌ଆଇ ସନ୍ତୋଷୀ ବାରିକ, ମଧୁସୂଦନ ଶର୍ମା ପ୍ରମୁଖ ସ୍ଥାନୀୟ ମାର୍କମା ମନ୍ଦିର ଛକରେ ଗାଡିକୁ ଅଟକାଇ ଯାଞ୍ଚ କରିଥିଲା। ସେଥିରୁ ପୋଲିସ ୫୩ କିଲୋ ୬୫୦ ଗ୍ରାମ ଗଞ୍ଜେଇ ଜବତ କରିଥିଲା। ଏଥିରେ ସାମିଲ ଥିବା ୨ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା। ସେମାନଙ୍କ ନିକଟରୁ ୨ଟି ମୋବାଇଲ ଫୋନ ଓ ୧୧ହଜାର ୨୮୦ ଟଙ୍କା ଜବତ କରାଯାଇଛି। ଜବତ ଗଞ୍ଜେଇର ମୂଲ୍ୟ ୫ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ବିଷମକଟକ ଥାନାଧିକାରୀ ଯଶୋବନ୍ତ ହିଆଳ ସୂଚନା ଦେଇଛନ୍ତି।

# ଦୁର୍ଘଟଣାରେ ସାନ ଭାଇ ମୃତ, ବଡ଼ ଗୁରୁତର

**ନବରଙ୍ଗପୁର,୧୭।୧୦(ବି.ପ୍ର.)**

ନବରଙ୍ଗପୁର ଥାନା ଅଧିନ ୨୬ ନମ୍ବର ଜାତୀୟ ରାଜପଥ କକଡା କନାରୀ ନିକଟରେ ଶନିବାର ଦୁର୍ଘଟଣା ଘଟି ଉମରକୋଟ ଡିଏନକେର ନୀଳକଣ୍ଠ ନାୟକ(୨୧)ଙ୍କ ମୃତ୍ୟୁ ଘଟିଛି। ଏଥିରେ ତାଙ୍କ ବଡ଼ଭାଇ ପୁରୁଷୋତ୍ତମ ନାୟକ(୨୩) ଗୁରୁତର ଅଛନ୍ତି। ପୁରୁଷୋତ୍ତମଙ୍କୁ କୋରାପୁଟ ଡାକ୍ତରଖାନାକୁ ପଠାଯାଇଛି।

ପ୍ରକାଶ ଯେ, ଶନିବାର ନୀଳକଣ୍ଠ ଓ ପୁରୁଷୋତ୍ତମ ବାଇକ୍ (ଓଡି-୨୪ସି-୭୦୦୧) ଯୋଗେ ନବରଙ୍ଗପୁରରୁ ଉମରକୋଟ ଯାଉଥିଲେ। ସେମାନେ ଭାରସାମ୍ୟ ହରାଇ ଆଗରେ ଯାଉଥିବା ଟ୍ରକ (ଏପି-୦୫ଟିଏମ୍-୫୫୨୯)ର ପଛପଟେ ପିଟି ହୋଇଯାଇଥିଲେ। ଉଭୟ ନୀଳକଣ୍ଠ ଓ ପୁରୁଷୋତ୍ତମ ଗାଡିରୁ ଛିଟିକି ପଡିଥିଲେ। ସେମାନଙ୍କୁ ନବରଙ୍ଗପୁର ଜିଲାମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ନୀଳକଣ୍ଠଙ୍କର ମୃତ୍ୟୁ ହୋଇଯାଇଥିଲା। ଗୁରୁତର ପୁରୁଷୋତ୍ତମଙ୍କୁ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ନବରଙ୍ଗପୁର ପୋଲିସ ଘଟଣାର ତଦନ୍ତ କରୁଛି।




**ଦିବ୍ୟାଙ୍ଗଙ୍କୁ ସହାୟତା ଉପକରଣ ବଣ୍ଟନ**

ମାଲକାନଗିରି, (ଡି.ଏନ୍.ଏ.)- ମାଲକାନଗିରି ବ୍ଲକରେ ଭାରତ ସରକାରଙ୍କ ଏଆଇଡିପି ଯୋଜନାରେ ପୂର୍ବରୁ ଚିହ୍ନିତ ହୋଇଥିବା ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ଶନିବାର ବିଭିନ୍ନ ଉପକରଣ, କୃତ୍ରିମ ଅଙ୍ଗ ରୋପଣ, ଟ୍ରାଇସାଇକେଲ, ହ୍ୱିଲ ଚେୟାର ଆଦି ବଣ୍ଟନ କରାଯାଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରାଧାମଣି ଦଳେଇ, ବିଡିଓ ଅଜୟ କୁମାର ପ୍ରଧାନ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ କୁମାର ପାଙ୍ଗୀ, ମାଲକାନଗିରି ପୌର ପରିଷଦ ସିଓ ବାଲା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆଗକୁ ଏପରି କାର୍ଯ୍ୟକ୍ରମ ଜାରି ରହିବ ବୋଲି ଅତିଥିମାନେ କହିଥିଲେ।

## ସଂକ୍ଷେପରେ

### ଯୁବତୀଙ୍କୁ ପ୍ରତାରଣା କରି ଯୁବକ ଗିରଫ

ବୈପାରୀଗୁଡା,୧୭।୧୦ (ଡି.ଏନ୍.ଏ.)- ବିବାହ ପ୍ରଲୋଭନ ଦେଖାଇ ଜଣେ ଯବତୀଙ୍କ ସହ ଦୀର୍ଘ ଦିନ ଶାରିରୀକ ସମ୍ପର୍କ ରଖି ପରେ ତାଙ୍କୁ ପ୍ରତାରଣା କରିବା ଅଭିଯୋଗରେ ବୈପାରୀଗୁଡା ପୋଲିସ ଶନିବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ବୈପାରୀଗୁଡା ଥାନା ଅନ୍ତର୍ଗତ କାଠପଡା ପଞ୍ଚାୟତ ପଟେଇପଦର ଗ୍ରାମର ଶିବ ମାଣ୍ଡି । ସେ ଜଣେ ବିବାହିତ ହୋଇ ମଧ ନିକଟସ୍ଥ ଏକ ଗ୍ରାମର ଜଣେ ଯବତୀଙ୍କୁ ପ୍ରେମ ବିବାହର ପ୍ରଲୋଭନ ଦେଖାଇ ପରେ ତାଙ୍କୁ ବିବାହ କରିବାକୁ ମନା କରି ଦେଇଥିଲେ। ଏନେଇ ଯୁବତୀ ଜଣକ ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ ୧୧୮/୧୦ରେ ଏକ ମାମଲା ରୁଜୁ କରି ତଦନ୍ତ କରି ଶିବଙ୍କୁ ଗିରଫ କରିଛି।

### ଖୋଲିଲା ଚିତ୍ରକୋଣ୍ଡା ଯୁକୋ ପାର୍କ

ଚିତ୍ରକୋଣ୍ଡା,୧୭।୧୦(ଡି.ଏନ.ଏ.)- ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବନାଞ୍ଚଳ ଅଧୀନ ଟେମ୍ପରାରି କଲୋନୀ ନିକଟରେ ଥିବା ଯୁକୋ ପାର୍କ ଶୁକ୍ରବାରଠାରୁ ଖୋଲିଛି। କରୋନା ମହାମାରୀ ପାଇଁ ଗତ ମାର୍ଚ୍ଚରୁ ଏହା ବନ୍ଦ ରହିଥିଲା। ପାର୍କ ସମ୍ମୁଖରେ ବିଭିନ୍ନ ବ୍ୟବସାୟୀମାନେ କରୁଥିବା ବ୍ୟବସାୟ ବନ୍ଦ ରହିଥିଲା। ଶନିବାରିଠାରୁ ପାର୍କ ଭିତରେ ଗହଳି ସହ ବଣ ଭୋଜି ଆରମ୍ଭ ହୋଇଛି। ଏନେଇ ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି। ପ୍ରଶାସନର ଅନୁମତିକ୍ରମେ ବନାଞ୍ଚଳ ଅଧିକାରୀ ଚନ୍ଦନ ଗମାଙ୍ଗଙ୍କ ନିର୍ଦ୍ଦେଶରେ ଏହି ପାର୍କ ଖୋଲିଥିବା ବନପାଳ ମୃତ୍ୟୁଞ୍ଜୟ ସେଠୀ କହିଛନ୍ତି।

### ୨୩ ବିଜେଡିରେ ମିଶିଲେ

କୋରାପୁଟ,୧୭।୧୦(ସ୍ୱ.ପ୍ର.)-କୋରାପୁଟ ଜିଲାର ଲମତାପୁଟ ବ୍ଲକ ଅଞ୍ଚଳରୁ ବହୁ ନିର୍ବାଚିତ ଲୋକ ପ୍ରତିନିଧି ଓ ନେତା ଶନିବାର ବିଜେଡିରେ ସାମିଲ ହୋଇଛନ୍ତି। ଜିଲା ବିଜେଡି ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, କୋରାପୁଟ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଓ ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନିଙ୍କ ଉପସ୍ଥିତିରେ ସେମାନେ ବିଜେଡିରେ ଯୋଗ ଦେଇଛନ୍ତି। ଜିଲା ବିଜେଡି ସଭାପତି ପାଣିଗ୍ରାହୀଙ୍କ ବାସଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ନୂତନ ସଭ୍ୟଙ୍କୁ ଦଳକୁ ସ୍ୱାଗତ କରାଯାଇଥିଲା। ଦଳରେ ଯୋଗଦେଇଥିବା ବ୍ୟକ୍ତିଙ୍କ ମଧରେ ଲମତାପୁଟ ବ୍ଲକ ଜଲାହଞ୍ଜର ସରପଞ୍ଚ ଡମ୍ବରୁ କିର୍‌ସାନି, ସମିତିସଭ୍ୟ କୈଳାସ ଶିଶା, ଟିକରପଡା ସମିତିସଭ୍ୟ ହରି ପାଙ୍ଗୀଙ୍କ ସମେତ ୨୩ ଜଣ ଅଛନ୍ତି। ଜିଲା ସମ୍ପାଦକ ଉତ୍କଳ ରଞ୍ଜନ ନାୟକ, ନଗର ବିଜେଡିର ବିମଳ କୁମାର ଗରଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### କୋରାପୁଟ: ୨୯ ପଜିଟିଭ ଚିହ୍ନଟ

କୋରାପୁଟ,୧୭।୧୦(ସ୍ୱ.ପ୍ର.)- କୋରାପୁଟ ଜିଲାରେ ଶନିବାର ୨୯ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ସଂଖ୍ୟା ୬୮୩୦କୁ ବୃଦ୍ଧି ପାଇଛି। ଚିହ୍ନଟ ୨୯ ଜଣଙ୍କ ମଧରେ ଜୟପୁର ମ୍ୟୁନିସିପାଲିଟିରୁ ୫ ଜଣ, କୋରାପୁଟ ମ୍ୟୁନିସିପାଲିଟିରୁ ୩, ସୁନାବେଡ଼ା ମ୍ୟୁନିସିପାଲିଟିରୁ ୩, କୋରାପୁଟ ବ୍ଲକରୁ ୪, ବୋରିଗୁମ୍ମା ବ୍ଲକରୁ ୨, ବୈପାରିଗୁଡ଼ା ବ୍ଲକରୁ ୫, ଜୟପୁର ବ୍ଲକରୁ ୩, ନନ୍ଦପୁର,ଲକ୍ଷ୍ମୀପୁର, କୋଟପାଡ ଓ ପଟ୍ଟାଙ୍ଗୀ ବ୍ଲକରୁ ଜଣେ ଲେଖାଏ ସଂକ୍ରମିତ ହୋଇଥିବା ଜିଲାପାଳ ମଧୁସୂଦନ ମିଶ୍ର କହିଛନ୍ତି।

### ନଦୀରେ ବୁଡ଼ି ଯୁବକ ମୃତ

ଦଶମନ୍ତପୁର,୧୭।୧୦( ଡି.ଏନ.ଏ.)- କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ପିଣ୍ଡାପଦର ପଞ୍ଚାୟତର ନକିମାଳ ଗ୍ରାମର ଜଣେ ଯୁବକ ମାଛ ଧରିବାକୁ ଯାଇ ବକଡ଼ାଗାଡ଼ ନଦୀରେ ଭାସି ଯାଇଛନ୍ତି। ତାଙ୍କ ନାମ ଥବିର ମୁଦୁଲି(୩୦)। ମାଛ ଧରି ଏହାକୁ ବିକ୍ରିକରି ସେ ପରିବାର ଚଳାଇଥାନ୍ତି। ଶୁକ୍ରବାର ପ୍ରତିଦିନ ପରି ସେ ଉକ୍ତ ନଦୀକୁ ମାଛ ଧରିବାକୁ ଯାଇଥିଲେ। ସନ୍ଧ୍ୟା ହେବାରୁ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ନାଏବ ସରପଞ୍ଚ ଦନ ଦିଶାରୀଙ୍କୁ ଏ ନେଇ ଜଣାଇଥିଲେ। ପରେ ଗ୍ରାମର କେତେଜଣ ଲୋକ ନଦୀକୁ ଯାଇ ଖୋଜାଖୋଜି କରି ଥବିରଙ୍କୁ ପାଇ ନ ଥିଲେ। ଶନିବାର ନଦୀରେ ଥବିରଙ୍କ ମୃତଦେହ ମାଛଜାଲ ସହ ଭାସୁଥିବା ଦେଖି ସ୍ଥାନୀୟ ସରପଞ୍ଚ ରଘୁ ଦିଶାରୀ ଏବଂ ମୃତକଙ୍କ ବଡ଼ଭାଇ ଭୀମ ଦିଶାରୀ ଏ ସମ୍ପର୍କରେ ଦଶମନ୍ତପୁର ଥାନାରେ ଜଣାଇଥିଲେ। ଥାନା ଅଧିକାରୀ କ୍ଷୀରେଶ୍ୱର ସାହୁ, ଏଏସ୍‌ଆଇ ବାବୁଲା ପ୍ରଧାନ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# କୋଭିଡ୍ ନିୟମରେ ରାଜନଅର ଦୁର୍ଗାଙ୍କ ପୂଜାର୍ଚ୍ଚନା ଆରମ୍ଭ

ଜୟପୁର, ୧୭।୧୦(ନି.ପ୍ର./ଡି.ଏନ୍.ଏ)

କୋରାପୁଟ ଜିଲା ଜୟପୁର ରାଜନଅର ନିକଟରେ ପ୍ରତିବର୍ଷ ହେଉଥିବା ଦୁର୍ଗାପୂଜାର ସ୍ୱତନ୍ତ୍ରତା ରହିଛି। ରାଜାରାଜୁଡ଼ା ଅମଳରୁ ରାଜନଅର ମଧରେ ଥିବା କନକଦୁର୍ଗା ମନ୍ଦିରରେ ରାଜାଙ୍କ ପରିବାରବର୍ଗ ଏହି ପୂଜା କରିଥାନ୍ତି। ଚଳିତବର୍ଷ କୋଭିଡ୍

**ଜୟପୁର ଦୁର୍ଗାପୂଜା**
- ମଣ୍ଡପ ୩ ପାର୍ଶ୍ୱ ବନ୍ଦ କରାଯାଇ ହେଉଛି ପୂଜା
- ୧୯୫୦ରେ ସହରରେ ପ୍ରଥମେ ହୋଇଥିଲା ମୂର୍ତ୍ତିପୂଜା
- ମା'ଙ୍କ ଦର୍ଶନ, ମହା ଆଳତିରୁ ବଞ୍ଚିତ ହେବେ ଶ୍ରଦ୍ଧାଳୁ

-୧୯ ନିୟମ ଅନୁଯାୟୀ ଦୁର୍ଗାପୂଜା ଆରମ୍ଭ ହୋଇଛି। ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ୪ ଫୁଟ ଉଚ୍ଚତାର ମୃଣ୍ମୟୀ ମୂର୍ତ୍ତି ହୋଇଛି । ମଣ୍ଡପ ୩ ପାର୍ଶ୍ୱ ବନ୍ଦ କରାଯାଇ ପୂଜା ହେଉଛି । ପୂଜାର୍ଚ୍ଚନା ୭ ଜଣ ସେବାୟତଙ୍କ ମଧରେ ସମିତି ରହିଛି। ଭକ୍ତଙ୍କୁ ଦର୍ଶନ ମନା। ୧୯୫୦ରେ ଜୟପୁର ସହରର ପ୍ରଥମ ମୂର୍ତ୍ତିପୂଜା ଜନସାଧାରଣଙ୍କ ଦ୍ୱାରା ସ୍ଥାନୀୟ ନରସିଂହ ଗୌଡ଼ଙ୍କ ଦୋକାନରେ କରାଯାଇଥିଲା। ପରେ ରାଜନଅରଠାରେ ସ୍ଥାୟୀ ମଣ୍ଡପ କରାଯାଇ ଦୁର୍ଗାପୂଜା କରାଯାଉଛି। ପ୍ରତିପଦାଠାରୁ ଆରମ୍ଭ ହୋଇ ଦଶମୀ ପର୍ଯ୍ୟନ୍ତ ଏଠାରେ ହୋମଯଜ୍ଞ ପୂଜା ଚାଲେ। ଲୋକଙ୍କ ମତରେ ରାଜନଅର ଦୁର୍ଗାପୂଜା ହିଁ ଜୟପୁର ଦଶହରାକୁ ବୁଝାଏ। ସହରରେ ପ୍ରଥମେ ରାଜନଅର ମୂର୍ତ୍ତି ପୂଜା ପାଇବା ପରେ ଅନ୍ୟଠାରେ ଦୁର୍ଗାମୂର୍ତ୍ତି ବସିଥାନ୍ତି । ଅବିଭକ୍ତ କୋରାପୁଟ ଜିଲାର କୋଣ ଅନୁକୋଣରୁ ବିଭିନ୍ନ ଦେବୀପୀଠରୁ ଲାଠିମାନ ଆସି ଜୟପୁରରେ ପହଞ୍ଚିବା ପରେ ଦଶହରା ଦିନ ମା'ଭଗବତୀ, ମା' ଦକ୍ଷିଣକାଳୀଙ୍କ ସହ ଆସି ରାଜନଅରସ୍ଥିତ ଦୁର୍ଗାଙ୍କ ନିକଟରେ ପହଞ୍ଚି ଦୁର୍ଗାଙ୍କ ସହ ଦଶହରା ପଡ଼ିଆକୁ ଯାଇଥାନ୍ତି । ଚଳିତବର୍ଷ କୋଭିଡ୍ କଟକଣା ଯୋଗୁ ସମସ୍ତ ପୀଠରୁ ଲାଠି ନ ଆସି ସ୍ୱଳ୍ପ କେତେକ ପୀଠରୁ ଆସିବାକୁ ନିଷ୍ପତ୍ତି ହୋଇଛି। ମେଢ଼, ବିମାନଯାତ୍ରା ପାଇଁ ୪୫ ମିନିଟ ରଖାଯାଇଛି। କୋଭିଡ୍ ନିୟମ ଅନୁସାରେ ଦଶହରା ପାଳନ ହେଉଥିବାରୁ ଚଳିତବର୍ଷ ମା'ଙ୍କ ଦର୍ଶନ ଓ ମହା ଆଳତି ପାଇବାରୁ ଶ୍ରଦ୍ଧାଳୁମାନେ ବଞ୍ଚିତ ହେବେ। ଏହା ସେମାନଙ୍କ ମନରେ ନିରାଶା ଭରିଦେଇଛି।


ଆରମ୍ଭ ହୋଇଥିବା ମାଙ୍କ ପୂଜାର୍ଚ୍ଚନା ।

## ନଅ ବେଶରେ ପୂଜା ପାଆନ୍ତି ମା'

ଜୟପୁର, ୧୭।୧୦(ନି .ପ୍ର.)

ଶାରଦୀୟ ଦୁର୍ଗାପୂଜା ସହ ଆରମ୍ଭ ହୋଇଛି ନବରାତ୍ର ପୂଜା। ଏହି ନଅ ଦିନ ଧରି ମା'ଦୁର୍ଗାଙ୍କୁ ବିଭିନ୍ନ ରୂପରେ ପୂଜା କରାଯାଇଥାଏ । ଚଳିତବର୍ଷ ନବରାତ୍ର ୯ ଦିନ ବଦଳରେ ୮ ଦିନ ପଡୁଛି । ରାଜ ପରିବାରର ଇଷ୍ଟଦେବୀ କନକଦୁର୍ଗା, ପୁରୁଣାଗଡ଼ର ଅଧିଷ୍ଠାତ୍ରୀ ଦେବୀ ମା' ଦକ୍ଷିଣକାଳୀ, ମା'ଭଗବତୀ, ମା'ବସନ୍ତେଇ, ସାତଭଉଣୀ ମନ୍ଦିର, ମା'ଉଗ୍ରତାରା ମନ୍ଦିରର ଝାଙ୍କରଦେଇ, ସର୍ବମଙ୍ଗଳା, ଗଙ୍ଗା ମା' ଓ ମା' ଜଗଜ୍ଜନନୀ ମନ୍ଦିରରେ ଆରମ୍ଭ ହୋଇଛି ନବରାତ୍ର ପୂଜା । ହିନ୍ଦୁ ପରମ୍ପରା ଅନୁଯାୟୀ ବର୍ଷକୁ ୨ ଥର ନବରାତ୍ର ପାଳନ କରାଯାଇଥାଏ । ସେଥିରୁ ଶରତଋତୁରେ ଦଶହରା ସମୟରେ ପାଳନ କରାଯାଉଥିବା ନବରାତ୍ର ଗୁରୁତ୍ୱପୂର୍ଣ୍ଣ । ଆଶ୍ୱିନ ମାସ ଶୁକ୍ଳପକ୍ଷ ପ୍ରତିପଦ ତିଥିରୁ ନବମୀ ପର୍ଯ୍ୟନ୍ତ ଏହା ପାଳନ ହୋଇଥାଏ । ମହା ନବରାତ୍ରିର ଶେଷରେ ବିଜୟା ଦଶମୀ ପାଳିତ ହୋଇଥାଏ । ଏହି ନବରାତ୍ର ପୂଜା ପାଇଁ ମା' ୯ଟି ବେଶ ହୋଇଥାନ୍ତି। ପ୍ରଥମ ଦିବସରେ ଶୈଳପୁତ୍ରୀ ବେଶ, ଦ୍ୱିତୀୟ ଦିନରେ ବ୍ରହ୍ମଚାରିଣୀ,ତୃତୀୟ ଦିବସରେ ଯୁଦ୍ଧାଭିମୁଖୀ, ଚତୁର୍ଥ ଦିବସରେ ଦେବୀ ହୋଇଥାନ୍ତି କୁଷ୍ମାଣ୍ଡା ବେଶ, ପଞ୍ଚମ ଦିବସରେ ସ୍କନ୍ଦମାତା, ଷଷ୍ଠ ଦିବସରେ କାତ୍ୟାୟନୀ,ସପ୍ତମ ଦିବସରେ କାଳରାତ୍ରୀ ବେଶରେ ସଜ୍ଜିତ ହୋଇଥାନ୍ତି।

## ବସ୍‌ରୁ ୧୫ ବସ୍ତା ଗୁଟ୍‌ଖା ଜବତ

ଜୟପୁର,୧୭।୧୦(ନି.ପ୍ର./ଡି.ଏନ.ଏ.)

ଜୟପୁର ଟାଉନ ଥାନା ପୋଲିସ ବ୍ରହ୍ମପୁରରୁ ମାଲକାନଗିରି ଅଭିମୁଖେ ଯାଉଥିବା ଦିଲ୍‌ଖୁସ ନାମକ ଏକ ଘରୋଇ ବସ୍‌ରୁ ଶନିବାର ୧୫ ବସ୍ତା ଗୁଟ୍‌ଖା ଜବତ କରିଛି। ଏ ସମ୍ପର୍କରେ ସୂଚନା ପୋଲିସ ବସ୍‌କୁ ବାଟରେ ଜଗି ରହିଥିଲା। ବସ୍ ଆସିବାରୁ ଏହାକୁ ଅଟକାଇ ଥାନାକୁ ଆଣିଥିଲା। ସେଠାରେ ଯାଞ୍ଚ କରିବାରୁ ଉପରୋକ୍ତ ପରିମାଣର ଏହାକୁ ଜବତ କରାଯାଇଛି। ତେବେ ଏହି ଗୁଟ୍‌ଖାଗୁଡ଼ିକ କାହାର କିଏ ନେଉଥିଲା ତାହା ଜଣାପଡିନାହିଁ। ଏହା ମାଲକାନଗିରିର ଜଣେ ବ୍ୟକ୍ତିଙ୍କ ନିକଟକୁ ଯାଉଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ଆଇଆଇସି ବାଲେଶ୍ୱର ଗିଧି କହିଛନ୍ତି।

## କୋଭିଡ୍ ସ୍ୱାସ୍ଥ୍ୟକର୍ମୀଙ୍କୁ ଛଟେଇ ନ କରିବାକୁ ଦାବି

କୋରାପୁଟ,୧୭।୧୦,(ସ୍ୱ.ପ୍ର.)

କୋଭିଡ-୧୯ର ସୁପରିଚାଳନା ପାଇଁ ନିଯୁକ୍ତି ପାଇଥିବା ସ୍ୱାସ୍ଥ୍ୟକର୍ମୀଙ୍କୁ ଛଟେଇ କରା ନ ଯାଇ ସ୍ୱାସ୍ଥ୍ୟ ବିଭାଗର ଖାଲିଥିବା ପଦବୀରେ ନିଯୁକ୍ତି ଦେବାକୁ ଏକ ଖବରଦାତା ସମ୍ମିଳନୀରେ ସ୍ୱାସ୍ଥ୍ୟକର୍ମୀ ସଂଘର ଜିଲା ସଭାନେତ୍ରୀ ସ୍ମିତା ପାତ୍ର, ଅସୀମା ସାହୁ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ, କୋଭିଡ-୧୯ ସମୟରେ ନିଯୁକ୍ତି ପାଇଥିବା ଏହି ସ୍ୱାସ୍ଥ୍ୟକର୍ମୀମାନଙ୍କୁ ରାଜ୍ୟସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶରେ ଛଟେଇ କରାଯାଇଛି। ଏହାକୁ ସଂଘ ପକ୍ଷରୁ ବିରୋଧ କରାଯାଇଛି।

# ବନ ବିଭାଗ ନିର୍ଦ୍ଦେଶରେ କଟାଯାଉଛି ଗଛ

କାଳିମେଳା,୧୭।୧୦(ଡି.ଏନ.ଏ.)

ମାଲାକନଗିରି ଜିଲା କାଳିମେଳା ବନଖଣ୍ଡ ଅଧୀନ ଜଙ୍ଗଲ ଏବଂ ସଂରକ୍ଷିତ ଜଙ୍ଗଲଗୁଡ଼ିକରୁ କାଠ ଚୋରି ହେଉଛି। ଖୋଦ୍ କାଳିମେଳା ବନ ବିଭାଗ ନିର୍ଦ୍ଦେଶରେ ଦିନ ଦ୍ୱିପ୍ରହରରେ ଜାତୀୟ ରାଜପଥ କଡରୁ ମୂଲ୍ୟବାନ ଗଛ କଟା ଚାଲିଥିବା ବେଳେ ଏହାକୁ ଗ୍ରାମବାସୀ ଏବଂ ଜଙ୍ଗଲ ସୁରକ୍ଷା କର୍ମୀ ଧରିଛନ୍ତି । ଏପରି ଦେଖିବାକୁ ମିଳିଛି ମାଲାକନଗିରି ଜିଲା କାଳିମେଳା ବନାଞ୍ଚଳର ପେଦାୱାଡା ବିଟ୍‌ର ଏମପିଭି-୧୨୬ରେ। ଶନିବାର ୨ ଜଣ ଗଛ କଟାଳି ଏବଂ ୨ ଜଣ ଶ୍ରମିକ ଏମପିଭି-୧୨୬ ଗ୍ରାମ ରାସ୍ତାର ଶିବ ମନ୍ଦିର ପଛପଟ ଜଙ୍ଗଲରୁ ୪ଟି ମୂଲ୍ୟବାନ ସାଗୁଆନ ଗଛ କାଟୁଥିଲେ। ଏହା ଦେଖି ଗ୍ରାମର ପ୍ରସନଜିତ ସାନା,ପ୍ରମୋଦ ବିଶ୍ୱାସ, ସୁନିଲ ଦାସ, ସରଜିତ ବେପାରି, ମୁକୁଲ ଦତ୍ତ ଏବଂ ଜାକ କୋଣ୍ଡି ଗ୍ରାମର ବାଗା ମାଡକାମି ସେଠାରେ ପହଞ୍ଚି ଗଛ କାହିଁକି କାଟୁଛ ବୋଲି ପଚାରିଥିଲେ। ଆମକୁ ବନ ବିଭାଗ ପକ୍ଷରୁ ଗଛ କାଟିବା ପାଇଁ କୁହାଯାଇଛି ବୋଲି ଏମପିଭି-୭୪ ଗ୍ରାମର ଗଛକଟାଳି ବିପୁଲ ବିଶ୍ୱାସ ଏବଂ ତାପସ ସରଦାର କହିଥିଲେ। କାଳିମେଳା ପେଦାୱାଡା ବିଟ୍‌ର ଫରେଷ୍ଟଗାର୍ଡ ଅମ୍ଳାନ ଶଙ୍କର ପରିହାରୀ ଆମକୁ ଗଛ କାଟିବା ପାଇଁ ଡାକିଛନ୍ତି। ଗୋଟିଏ ଗଛ କାଟିବା ବାବଦକୁ ୫ଶହ ଟଙ୍କା ଦେବେ ବୋଲି କହିଛନ୍ତି।


କଟାଯାଇଥିବା ଗଛ ।

**ଧରିଲେ ଜଙ୍ଗଲ ସୁରକ୍ଷା କମିଟି, ଗ୍ରାମବାସୀ**

ବନ ବିଭାଗର ଜଣେ ଉଚ୍ଚ ଅଧିକାରୀଙ୍କ ଝିଅ ବାହାଘର ପାଇଁ ଏହି ଗଛ କଟାଯାଇ ଖଟ ନିର୍ମାଣ ହେବ ବୋଲି ସେମାନେ ପ୍ରକାଶ କରିଥିଲେ। ତେବେ ଗଛ କାଟୁଥିବା ୪ଜଣଙ୍କ ମଧ୍ୟରୁ ୨ ଜଣ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଏକ ସପ୍ତାହ ପୂର୍ବରୁ ଏହି ଜଙ୍ଗଲରୁ ୭ଟି ଶାଗୁଆନ ଗଛ କାଟି ଏହାକୁ ଗାଏବ କରାଯାଇଥିବା ବେଳେ ଶନିବାର ପୁଣି ଗଛ କଟାଯାଉଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ସମସ୍ତ ଗଛର ଅନୁମାନିକ ମୂଲ୍ୟ ପ୍ରାୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ହେବ। ଖବରପାଇ କାଳିମେଳା ରେଞ୍ଜର ରାମଚନ୍ଦ୍ର ମାଡକାମି ଏବଂ ଫରେଷ୍ଟର ଲିପି ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଗଛ କଟାଳିମାନେ ରେଞ୍ଜରଙ୍କ ସମ୍ମୁଖରେ ମଧ୍ୟ ସେମାନଙ୍କୁ ଫରେଷ୍ଟ ଗାର୍ଡ ଗଛ କାଟିବା ପାଇଁ କହିଥିବା ପ୍ରକାଶ କରିଛନ୍ତି। ଏ ନେଇ ରେଞ୍ଜର ମାଡକାମିଙ୍କୁ ପଚାରିବାରୁ ସେ କହିଲେ ଯେ ଆମେ ଏହାକୁ ଷ୍ଟାମ୍ପ ସିଜ୍ କରି ଗଛ କଟାଳିଙ୍କୁ ଗିରଫ କରିବୁ। ତେବେ ଉପସ୍ଥିତ ଗଛ କଟାଳି ଏହାର ପ୍ରତିବାଦ କରି ସମ୍ପୃକ୍ତ ଫରେଷ୍ଟ ଗାର୍ଡଙ୍କ ଉପରେ ଦୋଷ ଲଦିଥିଲେ । ଏହି ସମୟରେ ସମ୍ପୃକ୍ତ ଫରେଷ୍ଟଗାର୍ଡ ମୁଁ ଅନ୍ୟ ଜାଗାରେ ପଡିଥିବା ଗଛ କାଟିବାକୁ କହଥିଲି ଏଠାରୁ ନୁହେଁ ବୋଲି ସଫେଇ ଦେଇଥିଲେ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ୫୦ପ୍ରତିଶତ ଲୋକଙ୍କ ରୋଗ ପ୍ରତିରୋଧକ ଶକ୍ତି ରହିଛି: ଜିଲାପାଳ

ମାଲକାନଗିରି,୧୭।୧୦ (ଡି.ଏନ୍.ଏ.)

ଆର୍‌ଏମ୍‌ଆର୍‌ସି ଏବଂ ଜିଲା ପ୍ରଶାସନର ମିଳିତ ଉଦ୍ୟମରେ ଗତ ୬ରୁ ୮ତାରିଖ ପର୍ଯ୍ୟନ୍ତ ମାଲକାନଗିରି ଜିଲାରେ ହୋଇଥିବା ସେରୋଲୋଜିକାଲ ସର୍ଭାଇଲାନ୍ସ ଟେଷ୍ଟରେ ପ୍ରାୟ ୫୦ ପ୍ରତିଶତ ଲୋକଙ୍କ ମଧ୍ୟରେ ରୋଗ ପ୍ରତିଷେଧକ ଶକ୍ତି ରହିଥିବା ଜଣାପଡିଛି। ଏ ସମ୍ପର୍କରେ ଜିଲାପାଳ ମନୀଷ ଅଗ୍ରୱାଲ ଏକ ଭିଡିଓ ବାର୍ତ୍ତାରେ ସୂଚନା ଦେଇଛନ୍ତି। ଲୋକଙ୍କ ଦକ୍ଷତା ଓ ରୋଗ ପ୍ରତିରୋଧକ ଶକ୍ତି ନିରୂପଣ ପାଇଁ ୧୬୩୩ଟି ନମୁନା ସଂଗ୍ରହ କରାଯାଇଥିଲା । ସେଥିରୁ ୧୦୧୮ଟି



ସାଧାରଣ ବର୍ଗ ଯୁବକ, ମହିଳା, ପୁରୁଷ, କରୋନା ଯୋଦ୍ଧାଙ୍କ ୫୯୫ ନମୁନା ସଂଗ୍ରହ ହୋଇଥିଲା। ଏହାର ରିପୋର୍ଟ ଶନିବାର ଆସିଛି। ଏମାନଙ୍କ ମଧ୍ୟରୁ ୫୦ ପ୍ରତିଶତ ଲୋକଙ୍କ ରୋଗ ପ୍ରତିରୋଧକ ଶକ୍ତି ରହିଥିବା ଜିଲାପାଳ କହିଛନ୍ତି। ତେବେ ଅନ୍ୟ ୫୦ ଭାଗ ଲୋକ କରୋନାରେ ଆକ୍ରାନ୍ତ ହେବା ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଜିଲା ପ୍ରଶାସନ ପକ୍ଷରୁ ବର୍ତ୍ତମାନ ୭ଟି ବ୍ଲକର ୪୨ଟି ଗ୍ରାମରୁ ରକ୍ତ ନମୁନା ସଂଗ୍ରହକରି ରଖାଯାଇଛି। ତାହାର ଫଳାଫଳ ଏଯାଏ ଆସିନାହିଁ। ତେବେ ଜନସାଧାରଣ ସାମାଜିକ ଦୂରତା ରକ୍ଷା କରିବା, ମାସ୍କ ବ୍ୟବହାର କରିବାକୁ ସେ ପରାମର୍ଶ ଦେଇଛନ୍ତି ।

## କୋଭିଡ୍ ନିୟମ ଉଲ୍ଲଂଘନ କରିଛନ୍ତି ବିଧାୟକ

କୋରୁକୋଣ୍ଡା, ୧୭।୧୦(ଡି.ଏନ.ଏ)

**ଭାଜପା ଆଣିଲା ଅଭିଯୋଗ**

ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଗତ ୧୪ତାରିଖରେ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ ନେଇ ବାଲିମେଳା ଏନ୍‌ଏସି ଗସ୍ତ କରିଥିଲେ। ସେ ବିଭିନ୍ନ ୱାର୍ଡ ବୁଲି ପଟ୍ଟା ବାଣ୍ଟିଥିଲେ। ତେବେ ଏହି କାର୍ଯ୍ୟକ୍ରମରେ ସେ କୋଭିଡ୍ ନିୟମ ଯଥା ସାମାଜିକ ଦୂରତା ରକ୍ଷା କରି ନ ଥିଲେ ବୋଲି ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ବାଲିମେଳା ଭାଜପା ଅଭିଯୋଗ କରିଛି। ଭାଜପା ନଗର ସଭାପତି ଶୁଭାଶିଷ କର କହିଛନ୍ତି, ବର୍ତ୍ତମାନ କରୋନା ପରିସ୍ଥିତିରେ ଗୋଟିଏ ସ୍ଥାନରେ ୭ରୁ ଅଧିକ ଲୋକ ଭିଡ଼ କରିବା କଥା ନୁହେଁ । ଯଦି କୌଣସି ସଭା ସମିତି ହୁଏ ତେବେ ୩୦ରୁ ଊର୍ଦ୍ଧ୍ୱ ଲୋକ ରହିବା ମନା। ଏହା ସତ୍ତ୍ୱେ କିଭଳି ବିଜେଡି ବିଧାୟକ ବାକା ୨ଶହରୁ ଊର୍ଦ୍ଧ୍ୱ ସମର୍ଥକଙ୍କୁ ନେଇ ସାମାଜିକ ଦୂରତା ନ ରଖି, ମାସ୍କ ନ ପିନ୍ଧି କାର୍ଯ୍ୟକ୍ରମ କଲେ ବୋଲି ଶୁଭାଶିଷ ପ୍ରଶ୍ନ ଉଠାଇଛନ୍ତି। ସେ ଏହା ବଣ୍ଟନ ବେଳେ ଲୋକଙ୍କୁ ପଟ୍ଟା ବୋଲି କହିଥିଲେ। ମାତ୍ର ଏହା କ'ଣ ପଟ୍ଟା କି ବୋଲି ପଚାରିଛନ୍ତି। ଗୋଟିଏ ସ୍ଥାନରେ ଦୀର୍ଘ ବର୍ଷ ଧରି ରହୁଥିବା ଲୋକଙ୍କ ପାଇଁ ଏହା ଏକ ପ୍ରମାଣପତ୍ର। ସେମାନେ ଏହା ମାଧ୍ୟମରେ ତହସିଲରେ ଆବେଦନ କରି ପଟ୍ଟା କରିପାରିବେ। ମାତ୍ର ଏହା ପଟ୍ଟା ହୋଇ ନ ଥିବା ବେଳେ ବିଧାୟକ ଏହାକୁ ପଟ୍ଟା ବୋଲି କହି ଲୋକଙ୍କୁ ବିଭ୍ରାନ୍ତ କରିଛନ୍ତି। ଏହା ପଟ୍ଟା ହୋଇଥିଲେ ଏଥିରେ ଚିତ୍ରକୋଣ୍ଡା ତହସିଲଦାରଙ୍କ ମୋହର ଥାନ୍ତା। ମାତ୍ର ଏଥିରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମୋହର ରହିଥିବା ଭାଜପା ଅଭିଯୋଗ କରି ବିଧାୟକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛି। ନଗର ସମ୍ପାଦକ ସୀମାଞ୍ଚଳ ପ୍ରଧାନ, ପୂର୍ବତନ କାଉନସିଲର ଗୌର ଖିଲ, ପୂର୍ବତନ ନଗର ସଭାପତି ଜେ. ଦିଲୀପ, ପ୍ରଦୀପ ନାୟକ, ରୁନା ରାଉଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

## କୋଭିଡ୍ କଟକଣା ମାନି ହେବ ଦୁର୍ଗାପୂଜା

ମାଲକାନଗିରି,୧୭।୧୦(ଡି.ଏନ୍.ଏ.)

ଚଳିତ ବର୍ଷ ମାଲକାନଗିରି ଜିଲାରେ ଦୁର୍ଗାପୂଜାକୁ କୋଭିଡ୍ ନିୟମାବଳୀ ମାନି ଶାନ୍ତି ଶୃଙ୍ଖଳା, ନିରାଡମ୍ବର ସହ ପାଳନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲାପାଳ ମନୀଷ ଅଗ୍ରୱାଲଙ୍କ ଅଧକ୍ଷତାରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏସପି ଋଷିକେଶ ଡି. ଖିଲାରି, ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ଉପଜିଲାପାଳ ରାମେଶ୍ୱର ପ୍ରଧାନ, ଜିଲାର ସମସ୍ତ ତହସିଲଦାର, ବିଡିଓ, ସମସ୍ତ ଥାନା ଆଇଆଇସି ଓ ପୂଜା କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଯେଉଁ ପୂଜା କମିଟି ମଣ୍ଡପରେ ପୂଜା କରିବେ ସେମାନେ ଜିଲା ପ୍ରଶାସନଠାରୁ ଅନୁମତି ନେବେ । ମୂର୍ତ୍ତି ୪ଫୁଟ୍ ଉଚ୍ଚତାରୁ ଅଧିକ ହେବନାହିଁ। ମାଲକାନଗିରି ଓ ବାଲିମେଳା ସହର ପାଇଁ ଉପଜିଲାପାଳଙ୍କଠାରୁ ଅନୁମତି ନେବେ। ଗ୍ରାମାଞ୍ଚଳ ପାଇଁ ସ୍ଥାନୀୟ ତହସିଲଦାରଙ୍କଠାରୁ ଅନୁମତି ନେବେ। ପୂଜା ମଣ୍ଡପରେ ୭ରୁ ଊର୍ଦ୍ଧ୍ୱ ବ୍ୟକ୍ତି ରହିବେ ନାହିଁ। ମଣ୍ଡପଗୁଡିକରେ ସର୍ବସାଧାରଣ ଦର୍ଶନକୁ ନିଷେଧ କରାଯାଇଛି। ମଣ୍ଡପରେ ବାଦ୍ୟଯନ୍ତ୍ର ବାଜିବ ନାହିଁ କି ନାଚଗୀତ ହେବନାହିଁ। ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ପୋଖରୀରେ କର୍ମକର୍ତ୍ତାମାନେ ମୂର୍ତ୍ତି ବିସର୍ଜନ କରିବେ। ଜନସାଧାରଣ ଚାହିଁଲେ ନିଜ ଘରେ କୋଭିଡ ନିୟମ ଅନୁଯାୟୀ ପୂଜା କରିପାରିବେ ବୋଲି ଜିଲାପାଳ କହିଛନ୍ତି।

## କାର୍ତ୍ତିକ ମାସ ପରେ ଧାର୍ମିକସ୍ଥଳ ଖୋଲୁ


ବୈଠକରେ ଜିଲାପାଳଙ୍କ ସହ ଅନ୍ୟମାନେ ଆଲୋଚନା କରୁଛନ୍ତି ।

କୋରାପୁଟ,୧୭।୧୦(ସ୍ୱ.ପ୍ର.)

କୋଭିଡ-୧୯ ପରିପେକ୍ଷୀରେ କୋରାପୁଟ ଜିଲାରେ ଥିବା ଧାର୍ମିକସ୍ଥଳି ଖୋଲାଯିବା ନେଇ ଜିଲା ପ୍ରଶାସନ ପକ୍ଷରୁ ସମ୍ମିଳନୀ କକ୍ଷରେ ଶନିବାର ଏକ ବୈଠକ ବସିଥିଲା। କାର୍ତ୍ତିକ ମାସ ପରେ ସମସ୍ତ ଧାର୍ମିକ ସ୍ଥଳି ଖୋଲାଯିବାକୁ ଏଥିରେ ନିଷ୍ପତ୍ତି ହୋଇଛି। ବୈଠକରେ ଜିଲାରେ ଧାର୍ମିକସ୍ଥଳିଗୁଡିକ ଖୋଲାଯିବା ନେଇ ସମସ୍ତ ଧାର୍ମିକ ଅନୁଷ୍ଠାନର ପ୍ରତିନିଧିମାନଙ୍କ ମତ ନିଆଯାଇଥିଲା। ଆସନ୍ତା ପାର୍ବଣ ୨ ମାସ ପର୍ଯ୍ୟନ୍ତ ଜିଲାରେ ଥିବା ସମସ୍ତ ଧାର୍ମିକସ୍ଥଳି ବନ୍ଦ ରଖିବା, କାର୍ତ୍ତିକ ମାସ ପରେ ଏସବୁ ଖୋଲାଯିବା ନେଇ ପ୍ରତିନିଧିମାନେ ମତ ଦେଇଥିଲେ। ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନ, ରାଜ୍ୟ ବିହନ ନିଗମ ଅଧକ୍ଷ ତଥା ଜିଲା ବିଜେଡି ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ , କୋରାପୁଟ ବିଧାୟକ ରଘୁରାମ ପୋଡାଲ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନିଙ୍କ ସମେତ ସମସ୍ତ ଧାର୍ମିକ ଅନୁଷ୍ଠାନର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଦାବି, ଅଭିଯୋଗ ସତ୍ତ୍ୱେ ଫଳ ଶୂନ୍ୟ

ମାଲକାନଗିରି,୧୭।୧୦(ଡି.ଏନ୍.ଏ.)

- ପାହାଡ଼ ଦେଇ ଯାତାୟାତ କରନ୍ତି ଗ୍ରାମବାସୀ
- ଅଙ୍ଗନୱାଡି କେନ୍ଦ୍ର କି ବିଦ୍ୟାଳୟ ନାହିଁ
- ପଡ଼ିଆ ବ୍ଲକରୁ ଏବେ କାଳିମେଳା ବ୍ଲକକୁ ଆସିଛି: ବ୍ଲକ ଅଧକ୍ଷ

ମାଲକାନଗିରି ଜିଲାରେ ଆଦିବାସୀଙ୍କ ଜୀବନ ଜୀବିକା, ଜଳ, ଜମି ଜଙ୍ଗଲ ଅଧିକାରକୁ ନେଇ ୧୬ଟି ଆଦିବାସୀ ସଙ୍ଗଠନ ଏବଂ ଆଦିବାସୀ ମହାସଂଘ ବର୍ଷ ବର୍ଷ ଧରି ବିକ୍ଷୋଭ, ଶୋଭାଯାତ୍ରା କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଛନ୍ତି। ମାତ୍ର ସେମାନଙ୍କ ଉଦ୍ୟମର ଫଳ ଶୂନ୍ୟ ହୋଇଥିବା ଦେଖିବାକୁ ମିଳୁଛି। କୌଣସି ସମସ୍ୟାର ସମାଧାନ ଏ ପର୍ଯ୍ୟନ୍ତ ହୋଇପାରିନାହିଁ। ମାଲକାନଗିରି ଜିଲା କାଳିମେଳା ବ୍ଲକ ପୁଶୁଗୁଡ଼ା ପଞ୍ଚାୟତ ମାର୍ଶାଲଗୁଡ଼ା ଗ୍ରାମର ସମସ୍ୟାକୁ ଦେଖିଲେ ଏହା ସହଜରେ ଅନୁମେୟ। ଏଠାରେ ଦୀର୍ଘ ବର୍ଷ ଧରି ରହି ଆସୁଥିବା ୨୦ଟି ଆଦିବାସୀ ପରିବାରଙ୍କୁ ସେମାନଙ୍କ ମୌଳିକ ଅଧିକାର ମିଳୁନି। ସବୁ ସରକାରୀ ଯୋଜନାରୁ ବଞ୍ଚିତ ହୋଇ ରହିଛନ୍ତି ଏମାନେ। ଗ୍ରାମରୁ ବାହାରି ପଞ୍ଚାୟତ କାର୍ଯ୍ୟାଳୟ, ମାଲକାନଗିରି-ମୋଟୁ ଜାତୀୟ ରାଜପଥକୁ ଆସିବାକୁ ହେଲେ ପାହାଡ଼ିଆ ପାଦଚଲା ଏବଂ ଅଣ ଓସାରିଆ କାଦୁଅ ରାସ୍ତାରେ ସେମାନଙ୍କୁ ଯାତାୟାତ କରିବାକୁ ପଡିଥାଏ। ବର୍ଷାଦିନେ ଗ୍ରାମବାସୀଙ୍କୁ ବହୁ କଷ୍ଟ ଭୋଗିବାକୁ ପଡିଥାଏ। ରୋଗୀ ଓ ପ୍ରସୂତିଙ୍କୁ ଡାକ୍ତରଖାନାକୁ ନେବାକୁ ହେଲେ ଦୁଇଟି ନାଳ ପାରିହୋଇ ଖଟିଆରେ ବୋହି ଆଣିଥାନ୍ତି ଗ୍ରାମବାସୀ। ଗ୍ରାମରେ ଏ ପର୍ଯ୍ୟନ୍ତ ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର ନାହିଁ। ଫଳରେ ମାର୍ଶାଲଗୁଡ଼ାର ୩୦ରୁ ଊର୍ଦ୍ଧ୍ୱ ଶିଶୁ ୩ କି.ମି. ଦୂରରେ ଥିବା ଅନ୍ୟ ଏକ ଗ୍ରାମରେ ଥିବା ଅଙ୍ଗନୱାଡି ଓ ବିଦ୍ୟାଳୟକୁ ନାଳପାରି ହୋଇଯାଇଥାନ୍ତି। ଗ୍ରାମରେ ନଳକୂପଟିଏ ମଧ ନାହିଁ। ଗ୍ରାମ ନିକଟରେ ଥିବା ଏକ ନାଳରୁ ସେମାନେ ପାନୀୟ ଜଳ ସଂଗ୍ରହ କରିଥାନ୍ତି। ନିର୍ବାଚନ ସମୟରେ କେବଳ ନେତାମାନେ ଗ୍ରାମକୁ ଆସି ତୁମ ପାଇଁ ସବୁ ସୁବିଧା କରିଦେବୁ କହି ଭୋଟ ନେଇ ପରେ ସେମାନଙ୍କ ଦେଖା ମିଳେନି ବୋଲି କହନ୍ତି ଗ୍ରାମବାସୀ। ସେମାନଙ୍କ ବିଭିନ୍ନ ସମସ୍ୟା ନେଇ ବିଭିନ୍ନ ସମୟରେ ସରପଞ୍ଚଙ୍କଠାରୁ ଆରମ୍ଭକରି ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ଜଣାଇଥିଲେ ମଧ କିଛି ସୁଫଳ ମିଳିନାହିଁ। ଫଳରେ ଜଙ୍ଗଲ ମଧ୍ୟରେ ଆମେ ବନ୍ଦୀ ଅବସ୍ଥାରେ ଜୀବନ ବିତାଉଛୁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ କାଳିମେଳା ବିଡିଓଙ୍କୁ ପଚାରିବାକୁ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇପାରିନାହିଁ। ଏନେଇ ବ୍ଲକ ଅଧକ୍ଷ ମାଳା ମାଢିଙ୍କୁ ପଚାରିବାରୁ ସେ କହିଛନ୍ତି, ପୁଶୁଗୁଡା ପଞ୍ଚାୟତର ମାର୍ଶାଲଗୁଡା ଗ୍ରାମ ପୂର୍ବରୁ ପଡିଆ ବ୍ଲକ ଅଧୀନରେ ଥିଲା। ଗତବର୍ଷ ଏହି ଅଞ୍ଚଳ କାଳିମେଳା ବ୍ଲକ ଅଧୀନକୁ ଆସିଛି। ଖୁବ୍ ଶୀଘ୍ର ଉକ୍ତ ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ସମସ୍ୟା ବୁଝି ସମସ୍ତ ସୁବିଧା ଲାଗି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।


ପାହାଡ଼ ଚଢ଼ି ଗ୍ରାମବାସୀ ଯାତାୟାତ କରୁଛନ୍ତି।

